
ISSN: 2456-9194, Vol. IV, Issue. I, June 2020

# ପ୍ରତ୍ୟୟ

(Journal of Odia Language, Culture and Science)

Journal Homepage: http://cphfs.in/research.php



# ସାରଳା ମହାଭାରତରେ କାହାଣୀ ସଂଯୋଜନା: ଏକ ଆଲୋଚନା

**ସଞ୍ଜୟ କୁମାର ବାଗ**
ପୂର୍ବାଞ୍ଚଳ ଭାଷାକେନ୍ଦ୍ର
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬
Email: sanjayakumarbag@gmail.com

***ସଂକ୍ଷିପ୍ତ ସାର:*** *ସାରଳା ମହାଭାରତ ଓଡ଼ିଆ ସାହିତ୍ୟର ଆଦ୍ୟ ଲିଖିତ ଆଖ୍ୟାନ । ସାରଳା ଦାସ ମହାଭାରତରେ ସଂସ୍କୃତ ମହାଭାରତର କାହାଣୀର କେବଳ ପୁନର୍ଲିଖନ କରିନାହାନ୍ତି ସେ ନିଜେ ମଧ୍ୟ ଅନେକ କାହାଣୀ ସଂଯୋଜନା କରିଛନ୍ତି । ତେବେ ଉଲ୍ଲେଖନୀୟ ହେଉଛି ଯେ, ଆଜି ଲୋକଧାରା ତଥା ସାହିତ୍ୟର ବିଦ୍ୱାନମାନେ କାହାଣୀ ସଂଯୋଜନା ବା କାହାଣୀ କଥନର ଯେଉଁ ପ୍ରକାର୍ଯ୍ୟଗୁଡ଼ିକ ବିଷୟରେ ଆଲୋଚନା କରୁଛନ୍ତି ସାରଳା ଦାସ କାହାଣୀ କଥନର ସେହି ସମ୍ଭାବ୍ୟ ଦିଗଗୁଡ଼ିକ ବିଷୟରେ ସେତେବେଳେ ପରୋକ୍ଷ ତଥା ପ୍ରତକ୍ଷରେ ଅବଗତ ହୋଇପାରିଥିଲେ ଆଉ ସେଇଥିପାଇଁ ସେ ମହାଭାରତ ଭଳି ବିରାଟ ଆଖ୍ୟାନର ନିର୍ମାଣ କାଳରେ ସେଗୁଡ଼ିକୁ ସୁସଂହତ ଭାବେ ସଂଯୋଜିତ କରିଥିଲେ । ଏହି ପ୍ରବନ୍ଧରେ ସାରଳା ଦାସଙ୍କ କାହାଣୀ ସଂଯୋଜନାର ସେହି ସମ୍ଭାବ୍ୟ ଦିଗଗୁଡ଼ିକ ଉପରେ ଆଲୋଚନା କରିବାକୁ ପ୍ରୟାସ କରାଯାଇଛି ।*

***ମୂଳ ଶବ୍ଦ:*** *ସାରଳା ମହାଭାରତ, ଆଖ୍ୟାନ, ଅଭିଧା, ଲୋକ କାହାଣୀ, ଆଦି ପର୍ବ, ବନ ପର୍ବ*

ଓଡ଼ିଆ ଭାଷାର ଆଦିକବି ଭାବରେ ସାରଳା ଦାସ ହିଁ ଓଡ଼ିଆ ସାହିତ୍ୟର ଆଦ୍ୟ ଆଖ୍ୟାନକାର । ଆଧୁନିକ ସାହିତ୍ୟିକ ଅଭିଧା ଅନୁସାରେ ଯଦିଓ ସାରଳା ମହାଭାରତ ଏକ କାହାଣୀ ପୁସ୍ତକ ବା ଗଳ୍ପ ଗ୍ରନ୍ଥ ନୁହେଁ, ତେବେ ଜଣେ ସର୍ଜନଶୀଳ ସ୍ରଷ୍ଟା ସେ କବି, ନାଟ୍ୟକାର, ବା ଶିଳ୍ପୀ ଯାହା ବି ହୁଅନ୍ତୁ ସେ ତାଙ୍କ ସୃଷ୍ଟିରେ ଏକ କାହାଣୀ କହିବାକୁ ହିଁ ଚେଷ୍ଟା କରିଥାନ୍ତି ସେଥିପାଇଁ ଆଖ୍ୟାନ ଅଧ୍ୟୟନରେ ସମସ୍ତ ପ୍ରକାରର ବାଚିକ, ନୈର୍ବାଚିକ ପାଠକୁ ଆଲୋଚନା କରାଯାଇଥାଏ[1] । ସାରଳା ଦାସ ସଂସ୍କୃତ ମହାଭାରତକୁ ଓଡ଼ିଆରେ ଅନୁସୃଜନ କଲେ ବା କାହାଣୀକୁ ପୁଣିଥରେ ଓଡ଼ିଆରେ ପ୍ରସ୍ତୁତ କଲେ । ତେବେ, ସାରଳା ସଂସ୍କୃତ ମହାଭାରତକୁ ସିଧାସଳଖ ଓଡ଼ିଆରେ ରୂପାନ୍ତର କରିନାହାନ୍ତି ସେଥିରେ କିଛି କାହାଣୀକୁ ଉପେକ୍ଷା କରିବା ସହ କିଛି ଘଟଣାକୁ ସଂକ୍ଷିପ୍ତ, କିଛି ଘଟଣାର ବିସ୍ତୀର୍ଣ୍ଣ ବର୍ଣ୍ଣନା, ତଥା ଅନେକ ସ୍ଥାନରେ ନୂତନ କାହାଣୀ ମଧ୍ୟ ସଂଯୋଜନା କରିଛନ୍ତି । ଆଉ ଏହା ସେହି ସମୟର କଥା ଯେତେବେଳେ ଓଡ଼ିଆରେ ସୃଜନଶୀଳତାର ସେଭଳି କିଛି ସମୃଦ୍ଧ ଲିଖିତ ପରମ୍ପରା ନଥିଲା । ସାରଳା ଦାସ ମୂଳ ମହାଭାରତର ଆଦି ପର୍ବର ଧୃତରାଷ୍ଟ୍ରଙ୍କ ଅନ୍ଧ ହୋଇ ଜନ୍ମ ହେବାର କାରଣ, ବନ ପର୍ବରେ ଥିବା ପାଣ୍ଡବମାନଙ୍କ ତୀର୍ଥ ଭ୍ରମଣର ବୃତ୍ତାନ୍ତ; ଶାନ୍ତି ପର୍ବ, ଭୀଷ୍ମ ପର୍ବର ଅଷ୍ଟାଧ୍ୟାୟୀ ଗୀତା ଆଦିର ବର୍ଣ୍ଣନାକୁ କେତେକ କ୍ଷେତ୍ରରେ ଉପେକ୍ଷା ତଥା ସଂକ୍ଷିପ୍ତ କରିବା ସହ ସଭା ପର୍ବର ଜରାସନ୍ଧ ଚରିତ, ପାଣ୍ଡବମାନଙ୍କ ଦିଗବିଜୟ, ଶିଶୁପାଳ ବଧ, ଦ୍ରୌପଦୀଙ୍କ ବସ୍ତ୍ରହରଣ, ଭୀମଙ୍କ ଜନ୍ମ ପ୍ରସଙ୍ଗ ଆଦି କାହାଣୀର ବିସ୍ତୃତ ବର୍ଣ୍ଣନା କରିଛନ୍ତି । ସେହିପରି, ସାହାଡ଼ା ବୃକ୍ଷ ମହାତ୍ମ୍ୟ, ସାହାଡ଼ା ବୃକ୍ଷ ସହ ଗାନ୍ଧାରୀଙ୍କ ବିବାହ, ଲକ୍ଷଣା ଶସ୍ୱ, ସତ୍ୟ ଆମ୍ବ, ବାବନା ଭୂତ, କୋକୁଆ ଭୟ ଭଳି ଅନେକ ନୂତନ କାହାଣୀ ମଧ୍ୟ ସଂଯୋଜନା କରିଛନ୍ତି ।

ଆଦି ପର୍ବରେ ସାହାଡ଼ା ଗଛ ସହିତ ଗାନ୍ଧାରୀଙ୍କ ବିବାହ କାହାଣୀ ସଂଯୋଜିତ । ସାହାଡ଼ା ଗଛ ସହିତ ଗାନ୍ଧାରୀଙ୍କ ବିବାହ ପୂର୍ବରୁ ସାହାଡ଼ା ବୃକ୍ଷର ମହାତ୍ମ୍ୟ ପ୍ରତିପାଦନ କରିବା ପାଇଁ ଏକ କାହାଣୀର ଅବତାରଣା କରିଛନ୍ତି ସାରଳା । ମହାଦେବ ବୃଷଭ ଆରୋହଣ କରି ଯାଉଥିବା ସମୟରେ ବୃଷଭ ବାମ ଭାଗରେ ଥିବା ଏକ ସାହାଡ଼ା ଗଛର ପତ୍ର ଆଣି ମଥାରେ ଲଗାଇଛି । ମହାଦେବ ଏହାର କାରଣ ପଚାରିବାରୁ ବୃଷଭ କହିଛି –

ବୃଷଭ ବୋଇଲା ଦେବ ବାମେ ଯେବେ ସାହାଡ଼ା ବୃକ୍ଷ ଥାଇ

ପତ୍ର ଗୋଟିଏ ଶିରେ ଘେନିଲେ ଅମୃତ ଯୋଗାଡ଼ ପାଇ ।
ଡାହାଣ ଭାଗେ ଯେବେ ବୟର ବୃକ୍ଷ ଥାଇ
ତହିଁରୁ ପତ୍ର ଗୋଟିଏ ଘେନିଲେ ଶତ୍ରୁ କ୍ଷୟେ ଯାଇ ।(୧୧୩)

ମହାଦେବ ସେଦିନ ବୃଷଭକୁ ଦିନସାରା ଏଣେତେଣେ ବୁଲାଇବା ସହ ବିଳମ୍ବରେ ଘରକୁ ଫେରିଛନ୍ତି । ଏହା ଭିତରେ ପାର୍ବତୀ ଶିବଙ୍କ ଫେରିବା ବିଳମ୍ବ ହେବାରୁ ଶିବଙ୍କ ପାଇଁ ପ୍ରସ୍ତୁତ ଦିବ୍ୟ ଅନ୍ନ ନିଜେ ଖାଇବା ଆରମ୍ଭ କରିଛନ୍ତି ହେଲେ ଶିବଙ୍କ ଫେରିବା ଜାଣି ତାକୁ ଶେଷ ନକରି ବୃଷଭ ନିମିତ୍ତ ରଖାଯାଇଥିବା କୁଣ୍ଡିରେ ଅଜାଡ଼ି ଦେଇଛନ୍ତି । ବୃଷଭ ତାହାକୁ ଖାଇ ଆନନ୍ଦରେ ନିଦ୍ରା ଯାଇଛି । ପରେ ମହାଦେବ ଏକଥା ଜାଣିପାରି ସାହାଡ଼ା ବୃଷର ମହାତ୍ମ୍ୟ ବୁଝିପାରିଛନ୍ତି । ସାହାଡ଼ା ବୃକ୍ଷର ମହାତ୍ମ୍ୟକୁ ପ୍ରତିଷ୍ଠା ତଥା ଗ୍ରହଣଶୀଳ କରିବାକୁ ମହାଦେବ ଓ ବୃଷଭଙ୍କୁ ଯୋଡ଼ିଛନ୍ତି ସାରଳା, ଯାହା ଅନନ୍ୟ । ସେତେବେଳେ ଯେ ବୃକ୍ଷ ସହିତ ଏଭଳି ଉଆଁସୀ ବା ଗ୍ରହଦୋଷ ଥିବା କନ୍ୟାମାନଙ୍କର ବିବାହ ପରମ୍ପରା ନଥିବ ସେକଥା କୁହାଯାଇନପାରେ । ଏବେ ମଧ ଭାରତର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଗୋଷ୍ଠୀରେ ବୃକ୍ଷ ସହିତ ବିବାହ କରିବାର ତଥା ଦୁଇ ବୃକ୍ଷ ମଧ୍ୟରେ ମଧ ବିବାହ ହେବାର ପରମ୍ପରା ଅଛି (Nair 1960, 141-147; Sahay 1960, 58-75, Haberman, 2013)[2]। ଆଉ ଗାନ୍ଧାରୀଙ୍କ ଉଆଁସୀ ଦୋଷ ଖଣ୍ଡନ ପାଇଁ ବ୍ୟାସ ଗାନ୍ଧାରସେନଙ୍କୁ ସେଇ ସାହାଡ଼ା ବୃଷ ସହିତ ବିବାହ କରାଇବା ପାଇଁ କହିଛନ୍ତି – "ଚାଲ ହୋ ରାଜା ଯେବେ ସାହାଡ଼ା ବୃକ୍ଷ ଯେ ଦେଖିବା / ଗାନ୍ଧାରୀ କି ତାହା ପ୍ରଦାନ କରିବା" (୧୧୭) ।

ଆଦି ପର୍ବର ଅନ୍ୟ ଏକ କାହାଣୀ 'ଖନିକାର ଟସକର ବୃତ୍ତାନ୍ତ'ରେ ଲକ୍ଷଣା ଶସ୍ତ୍ରର ପ୍ରସ୍ତୁତି କଥା ଏଠାରେ ଉଲ୍ଲେଖନୀୟ। ପ୍ରଥମେ ଚଉର ଜାତିଙ୍କ ସୃଷ୍ଟି ବିଷୟରେ ଉଲ୍ଲେଖ କରାଯାଇଛି –

"ଚଉର ବୋଲି କରି ଯେକ ଜାତିଯେ ଭିଆଇଲା / ଲକ୍ଷଣା ଦଣ୍ଡ ବୋଲି ଶସ୍ତ୍ରେକ ସ୍ରିଜିଲା" । ତା'ପରେ ଦେଖନ୍ତୁ ଲକ୍ଷଣା ଦଣ୍ଡର ନିର୍ମାଣ ପ୍ରକ୍ରିୟା—

"ତୁଳାମାସ କୃଷ୍ଣପକ୍ଷ ଅମାବାଇ ଚଣ୍ଡୀପୂଜା ଦିନେ ।
ବିଶାଖା ନକ୍ଷତ୍ର ଯେ ଅଟଇ ସେ ଦିନର
ସେ ଦିନ ଲକ୍ଷଣାକୁ କରନ୍ତି ବିଚାର ।
...
ଯେଉଁଣ ମହାରଣାର କୃତ୍ତିକା ବୃକ୍ଷ ରାଶି
ତାହାକୁ ବରଣ କରି ଅମାବାଇ ନିଶି ।
ପ୍ରାତେ ସ୍ନାହାନ କରି କଳା ବସ୍ତ୍ରେକ ଥାଇ ପିନ୍ଧି
ମଲା ମାଇପଙ୍କ ଶଙ୍ଖା ପଟିୟେ ବାମ ହସ୍ତେ ବାନ୍ଧି ।
ରାତ୍ର ହୋଇଲେଣ ଶାଳଯନ୍ତ୍ର ପୂଜାକରି
ନବତନ ଅଗ୍ନି ଲୋହ ପାଷାଣରୁ ଉତ୍ତାରି ।
ରାତ୍ର ତିନି ପ୍ରହରେ କୃଷ୍ଣ ଛାଗଳେକ ନେଇ
ଚଉରୁଣୀ ଦେବୀଙ୍କି ରକତ ଭାତ ବଳି ଦେଇ ।
ଭୋ ଦେବ ଅବଳାମାନଙ୍କର ଯେ ପ୍ରଥମ ରାବ ଯେ ବୋବାଳି
ଅଗ୍ନିରେ ନେଇ ଲୁହା ସିଝାଇ ପରିତାଳି ।
ଯୋଗେଣ ନିର୍ବାଣ ସେ କରଇ ମହାରଣା
ତ୍ରିଅଧାର କରି ଦଣ୍ଡ କରାଇ ଲକ୍ଷଣା" । (୫୧୮-୫୧୯)

ଜତୁଗୃହରୁ ପାଣ୍ଡବମାନଙ୍କୁ ସୁରକ୍ଷିତ ଭାବେ ପ୍ରସ୍ଥାନ କରାଇବା ପାଇଁ ଯେଉଁ ବିବର ଖୋଳିବାର ଆବଶ୍ୟକତା ଥିଲା ତାହାକୁ ଆହୁରି ଗ୍ରହଣଶୀଳ ତଥା ପ୍ରାକୃତିକ କରିବାକୁ ସୃଷ୍ଟି କରିଛନ୍ତି ଏ କାହାଣୀ । ସାଧାରଣ ଲୋକଙ୍କଦ୍ୱାରା ବିବର ନଖୋଳେଇ ପ୍ରଶିକ୍ଷିତ ଖନିକାର ଓ ବିଶେଷ ଶସ୍ତ୍ରର ନିର୍ମାଣ ବିଷୟରେ ଉଲ୍ଲେଖ କଲେ ସାରଳା ଦାସ । ନଚେତ ଜତୁଗୃହରୁ ଏକାଦଶ କ୍ରୁଶ ଦୂର ସୁରନଦୀ କୂଳ ଯାଏ ଆଠ ସହସ୍ର ଆଠ ଶତ ଅଠାଇଶ ହାଥ ଉଚ୍ଚ ଓ ବିସ୍ତାରର ବିବର ଖୋଳିବା ସମ୍ଭବ ନୁହେଁ । ବିବର ଖୋଳିବା ଦଣ୍ଡ ବା ଶସ୍ତ୍ରଟିଏ ନିର୍ମାଣ କରିବା ପାଇଁ ଏଭଳି ମହାରଣା, ନକ୍ଷତ୍ର, ଅମାବାସ୍ୟା ରାତ୍ରି, ମଲା ମାଇପଙ୍କ ଶଙ୍ଖା, କଳା ଛାଗଳ ବଳି ଭଳି ବିଚିତ୍ର ନୀତିନିୟମ ବିଶ୍ୱାସ ହୁଏନି ତଥା ଅସମ୍ଭବ ମନେହୁଏ, ସେହିପରି ଅସମ୍ଭବ ମନେହୁଏ ଆଠ ସହସ୍ର ଆଠ ଶତ ଅଠାଇଶ ହାଥ ଉଚ୍ଚ ଓ ବିସ୍ତାରର ବିବର, ଛଅ ଜଣଙ୍କ ନିର୍ଗମନ ପାଇଁ ଏତିକି ଲମ୍ବ ଓ ପ୍ରସ୍ଥ[3] ଅନାବଶ୍ୟକ ବି; କିନ୍ତୁ ଶ୍ରୋତାଙ୍କୁ ଚମତ୍କୃତ କରିଦିଏ । ଗୋଟିଏ ଯାଦୁକରୀ ଅନୁଭବ ଆଣେ ମନରେ । ଏହା ଯେ ଅବାସ୍ତବ ଓଡ଼ିଆ ଶ୍ରୋତା ପ୍ରଶ୍ନ କରିନାହିଁ କେବେ । ତେବେ, ଏଠାରେ ଉଲ୍ଲେଖନୀୟ ଯେ ଖନିକାର ଏତେ ବଡ଼ ବିବର ଖୋଳିବା ସମୟରେ ବିବରରୁ ଯେଉଁ ମାଟି ବାହାରିବ ତାହାକୁ ନେଇ କଣ କରାଯିବ ସେକଥା ବି ସାରଳା ଭାବିଛନ୍ତି ଓ ପ୍ରସଙ୍ଗକ୍ରମେ ନାରାୟଣ ବିଶ୍ୱମୂର୍ତ୍ତି ଧାରଣ କରିଛନ୍ତି ଓ ବେନି ଭୁଜରୁ ଛାୟା ଓ ମାୟା ବେନି ବୀରଙ୍କୁ ଭିଆଇଛନ୍ତି ଓ ତାଙ୍କ ଗର୍ଭରେ ଅନଳ ଥୋଇଛନ୍ତି ନାରାୟଣଙ୍କ ଆଜ୍ଞାରେ ସେମାନେ ବିବରରୁ ବାହାରିଥିବା ମୃର୍ତ୍ତିକା ଭକ୍ଷଣ କରିଛନ୍ତି – "ନାରାୟଣଙ୍କ ଆଗ୍ୟାଂଯେ ସେ ମହାବୀର ବେନି / ଖଳ୍ୟକାରକୁ ସପକ୍ଷ ହୋଇଲେ ମୃତ୍ତିକା ଦହନ କଲେ ଭାଇ ବେନି । / ଖୋଳନ୍ତି ଟସ୍କର ଯେ ଭକ୍ଷନ୍ତି ବେନି ଦକ୍ଷ / ତିନିହେଁ ବିମ୍ବର ଯେ ଭିଆଇଲେ ପ୍ରତକ୍ଷ" (୫୩୪)।

ବନ ପର୍ବରେ ସ୍ଥାନିତ ସାରଳାଙ୍କ ଅନ୍ୟ ଏକ ମୌଳିକ କାହାଣୀ ହେଉଛି ସତ୍ୟ ଆମ୍ବର ବିବରଣ । ପାଣ୍ଡବମାନେ ବନବାସ କରୁଥିବା ସମୟରେ ସେମାନଙ୍କୁ ପରୀକ୍ଷା କରିବା ପାଇଁ ଦୁର୍ଯ୍ୟୋଧନ ପୁରଞ୍ଜନ ପଣ୍ଡାର ପୁତ୍ର ଗଉରମୁଖକୁ ପଠାଇଛି, କହିଛି, "ଆଶ୍ୱିନ ମାସରେ ତୁ ମାଗିବୁ ପକ୍ୱଚୁତ ଫଳ" (୫୬୯)। ପାଣ୍ଡବମାନେ ଏ ବିପଦରୁ ରକ୍ଷା ପାଇବା ପାଇଁ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିଛନ୍ତି । ଶ୍ରୀକୃଷ୍ଣ ଆସି ପାଣ୍ଡବମାନଙ୍କୁ ଆଦେଶ ଦେଇଛନ୍ତି ଏକ ଆମ୍ବ ଟାକୁଆ ମାଟିରେ ପୋତିବା ପାଇଁ । ଆମ୍ବ ଟାକୁଆ ପୋତା ଯାଇଛି, ଆଉ ଗଛ ମଧ ଉଠିଛି । ତେବେ, ଶ୍ରୀକୃଷ୍ଣ କହିଛନ୍ତି ପାଞ୍ଚଭାଇ ଓ ଦ୍ରୌପଦୀ ସେ ଗଛ ଆଗରେ ନିଜର ଦୁର୍ବଳତା, ଗୋପନ କଥା ଅକୁଣ୍ଠ ଚିତ୍ତରେ ପ୍ରକାଶ କଲେ ହିଁ ସେମାନଙ୍କ ସତ୍ୟର ଶକ୍ତି ବଳରେ ବୃକ୍ଷରେ ଫଳ ଫଳିବ । ସମସ୍ତେ ନିଜର ଦୁର୍ବଳତା, ଗୋପନ କଥା, ଅନ୍ୟ ପ୍ରତି ଥିବା ଧାରଣା ଆଦି ପ୍ରକାଶ କରିଛନ୍ତି । ଆମ୍ବ ଫଳିଛି । ଶ୍ରୀକୃଷ୍ଣ ନିଜେ ଆମ୍ବ ନେବା ସହିତ ବ୍ରାହ୍ମଣ ଓ ପାଣ୍ଡବମାନଙ୍କୁ ମଧ ଦେଇଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଏହି ଗଉରମୁଖ ବ୍ରାହ୍ମଣର ପିତା ହିଁ ଜତୁଗୃହ ନିର୍ମାଣ କରିଥିଲା;

ସହଦେବ ବୋଇଲା ସେ ଯେ ପୁରଞ୍ଜନ ବ୍ରାହ୍ମଣ
ଜଉ ସଜଳସ ଘର ଯେ କପଟେ କଲା ନିରିବାଣ ।
ଜଉପ ଘରେ କପଟେ ଆମ୍ଭନ୍ତ କଲାକ ଦହନ
କଉରବ ବଂଶକୁ ସେ ଅଟଇ ଧାରଣ ।

ତାହାର ପୁତ୍ର ଯେ ଗଉରମୁଖ ପଣ୍ଡା

ଯେହାକୁ ରାଇଣ ପେଷିଲା କୁରୁକ୍ଷଣ୍ଡା (୫୮୧) ।

ଓଡ଼ିଆ ତଥା ଭାରତୀୟ ସମାଜରେ ନିଜର ଦୁର୍ବଳତା, ଗୋପନ କଥା, ଅନ୍ୟ ପ୍ରତି ଥିବା ଧାରଣା ଆଦି ଆନୁଷ୍ଠାନିକ ଭାବେ ସ୍ୱୀକାର କରିବାର ପରମ୍ପରା ଭିନ୍ନ, ଯାହା ସାଧାରଣତଃ କେବଳ ବିପଦ ପଡ଼ିଲେ କିମ୍ବା ରାଣ ଖାଇଲେ ହିଁ ଏପରି କରିବା ଦେଖାଯାଇଥାଏ । ଏହି ପରମ୍ପରାର ଚିତ୍ର ଆମେ ଦେଖିବାକୁ ପାଇଥାଉଁ ଏହି ସତ୍ୟ ଆମ୍ବ କାହାଣୀରେ । ବିପଦରେ ପଡ଼ି ତଥା ବ୍ରାହ୍ମଣର ଆସନ୍ନ ଅଭିଶାପରୁ ବର୍ତ୍ତିବା ପାଇଁ ସତ୍ୟ ଆମ୍ବ ଭଳି ଏକ 'ରାଣ' ପ୍ରସଙ୍ଗରେ ପାଣ୍ଡବ ଓ ଦ୍ରୌପଦୀ ନିଜର ଦୁର୍ବଳତା, ଗୋପନ କଥା, ଅନ୍ୟ ପ୍ରତି ଥିବା ଧାରଣା ଆଦି ପ୍ରକାଶ କରିଛନ୍ତି ଆନୁଷ୍ଠାନିକ ଭାବେ ଯାହା ଓଡ଼ିଆ ତଥା ସ୍ଥାନୀୟ ଜୀବନଧାରାର ପାରମ୍ପରିକତାକୁ ପ୍ରକାଶ କରେ ।

କୋକୁଆ କାହାଣୀଟି ଉଦଯୋଗ ପର୍ବରେ ସ୍ଥାନିତ । ଶ୍ରୀକୃଷ୍ଣ ଦ୍ରିଯୋଧନଙ୍କଠାରୁ ପାଣ୍ଡବମାନଙ୍କ ପାଇଁ ପାଞ୍ଚଟି ପଡ଼ା ମାଗିବାକୁ ଆସିଛନ୍ତି ଓ ପ୍ରସଙ୍ଗକ୍ରମେ କହିଛନ୍ତି, "ଗୋବିନ୍ଦ ବୋଇଲେ ଦ୍ରିଯୋଧନ ଆଗର / ଯେ ତୋର ସଭାଗୋଟି ବାବରପୁରୀ ବିଚାର" (୧୩୭) । ସେଇଠୁ ଭୀଷ୍ମ ଗୋବିନ୍ଦଙ୍କୁ ପଚାରିଛନ୍ତି ବାବରପୁରୀ କେବଣ ପ୍ରକାର ବୋଲି । ଗୋବିନ୍ଦ ପ୍ରଥମେ ବାବରପୁରୀର ନୀତି ଭ୍ରଷ୍ଟତା, ଭଣ୍ଡ ଶାସ୍ତ୍ରାଭ୍ୟାସ, ଶୃଙ୍ଖଳାହୀନ ଜୀବନଧାରା ସମ୍ପର୍କରେ କହିବା ସହ କେମିତି ସେ ନଗ୍ରକୁ ଦିନେ କୋକୁଆ ଭୟ ପଶିଛି ସେକଥା କହିଛନ୍ତି । ସନ୍ଧ୍ୟା ପୂର୍ବରୁ ଘରଦ୍ୱାର ବନ୍ଦ ହୋଇଯାଏ – "ପ୍ରହରେ ବେଳ ଥାଉଂ ସେ ଦାଣ୍ଡେ ନୁଆରନ୍ତି ଚାଲି" (୧୩୯) । ଚାରିଆଡ଼େ କୋକୁଆ ଭୟ, କିନ୍ତୁ କୋକୁଆ କି ପ୍ରକାର ଜୀବ ତାକୁ କେହି ଦେଖିନାହାନ୍ତି–

ବୋଲୁଥାନ୍ତି କୋକୁଆ କେହି ତାକୁ ନଦେଖି

କେ ବୋଲଇ କୋକୁଆର ସାତଗୋଟା ଆଖି ।

ଧରିବା ମାତ୍ରେ ଗିଳଇ ଖଣ୍ଡିୟେ ନ ପକାଇ

ଯେମନ୍ତେ ସେ ନଗ୍ରେ ବଡ଼ ଭୟ ପାଇ ।

କେ ବୋଲଇ ଯେହିକ୍ଷଣି ମୁଂ ଦେଖିଲଇଂ ବେନିଗୋଟା

ଆକାଶେ ପୂରିଅଛି ସରୂପ ତାର ମୋଟା ।

ପୋୟେମାନେ କାନ୍ଦିଲେ ଡରାନ୍ତି ବାପ ମାୟେ

କୋକୁଆ କଥା ଶୁଣି ପାନ୍ତି ବଡ଼ ଭୟେ ।

ଯେମନ୍ତେ ଦିନେ ତହିଂ ଗୋଳେକ ଉପୁଜିଲା

ମରାମରି ହୋଇ ତହିଂ ଅନେକ ଲୋକ ମଲା । (୧୩୯)

ଶେଷରେ ଗୋବିନ୍ଦ କହିଛନ୍ତି – "...ସେହିମତି ପ୍ରାୟେକ ଯେହି ଆସ୍ତାନ ହୋଇଅଛି । / ଆନମିତେ ଯେ ଆସ୍ତାନ ଅଟଇ ଅବିଧି / ହତକାଳେ ପ୍ରାଣୀଙ୍କି ଦିଶଇ ବିପରୀତ ବୁଦ୍ଧି" (୧୪୦)। ନୀତିଭ୍ରଷ୍ଟତା, ଶୃଙ୍ଖଳାହୀନତା ଓ ଅନ୍ୟାୟ କର୍ମର ପରିଣତି କିପରି ଆତ୍ମଘାତି ହୋଇଯାଏ ଦିନେ ଏହା ବୁଝାଇବାକୁ ଯାଇ ଏ କାହାଣୀର ଅବତାରଣା ।

କୋକୁଆ କାହାଣୀଟି ଏକ ଗୁଜବକୁ ଆଧାର କରିଛି । ଉଭୟ ନକରାତ୍ମକ ଓ ସକାରାତ୍ମକ ଗୁଜବ ଆମେ ଦେଖିବାକୁ ପାଇଥାଉଁ ଯାହା ବିଭିନ୍ନ ଉଦ୍ଦେଶ୍ୟ ପୂରଣ ପାଇଁ ସୃଷ୍ଟି ତଥା ପ୍ରସ୍ତୁତ ହୋଇଥାଏ । ଗୁଜବ କିଭଳି ଗୋଟିଏ ସାମାଜିକ ଗୋଷ୍ଠୀକୁ ପ୍ରଭାବିତ କରିଥାଏ ତଥା ଏହାର ପ୍ରଭାବଶାଳୀ ଦିଗଟିକୁ ବୋଧହୁଏ ସେତେବେଳେ ବୁଝିଥିଲେ ସାରଳା ଦାସ ଯେଉଁଥିପାଇଁ କି ସେ ଏଭଳି ଏକ ପ୍ରସଙ୍ଗ ଉଲ୍ଲେଖ କରିବାକୁ ଗୁରୁତ୍ୱ ଦେଲେ ଗୋବିନ୍ଦଙ୍କ ମୁହଁରେ ଯଦିଓ ସାରଳା ଏହାକୁ ଏକ କାହାଣୀ ଭାବରେ ହିଁ ଉପସ୍ଥାପିତ କରିଛନ୍ତି ।

ଉଦଯୋଗ ପର୍ବରେ ସେହିଭଳି ସାରଳା ସଂଯୋଜନା କରିଛନ୍ତି ବାବନା ଭୂତ କାହାଣୀ । ଦ୍ରିଯୋଧନ ଭାବିଛି "ଶ୍ରୀକୃଷ୍ଣର ବଚନେ ଦେବା ପଡ଼ା ଦୁଇଗୋଟି" (୧୬୪) ଭୀଷ୍ମ, ଦ୍ରୋଣ ଆଦି ମଧ୍ୟ କହିଛନ୍ତି, ହେଲେ ଶକୁନିର ପ୍ରରୋଚନାରେ ତାହା ହୋଇପାରିନାହିଁ, ଭାନୁବତୀକୁ କହିଛି, "ମୁହିଂ ହୃଦଗତେ ଗୋ ବିଚାରୁଥିଲି ଯେହା / ଶକୁନି ବିଚାରକଇଁ ଯେ ନ ଯୋଗାଇଲାକ ତାହା /ବୋଇଲା ପାଣ୍ଡବଙ୍କୁ ଗ୍ରାମ ଦିଲେ ହୋଇବଟି ପ୍ରମାଦଇ/ ସଂଗ୍ରାମ ହେଉ ପଛେ ସୂଚିମୁନେ ନ ଦେ ଭୂଇଁ" (୧୬୭) । ସେଇଠୁ ଭାନୁବତୀ ହଠକର୍ମ ପୁରାଣର ବାବନା ଭୂତ କଥା କହିଛି । ପଶ୍ଚିମ ସୋମରାଷ୍ଟ୍ରର ରାଉଳ ବୋଲି ଜଣେ ଶୂଦ୍ର ତୁଙ୍ଗଭଦ୍ରା ନଦୀକୂଳର ଗ୍ୟାନପୁର ବୋଲି ଏକ ନଗ୍ରରେ ଆଶ୍ରମ କରି ରହିଲା । ସେଇଠି ସେ ଚାଷ କରିବାକୁ ଇଚ୍ଛା କରିବାରୁ ଗ୍ରାମବାସୀମାନେ ତାକୁ ଭୂତଙ୍କ ଉତ୍ପାତ କଥା କହିଲେ– "ଗ୍ରାମଲୋକ ବୋଇଲେ ତହିଁ ସମସ୍ତ ଭୂତଙ୍କର ମେଳି / ଦୃଭାର ପ୍ରେତଂକର ସଙ୍ଗେ କେ ହୋଇବ ବାରୁଆଳି" (୧୭୦) । ହେଲେ ରାଉଳ 'ମହାଜାଲ ପାତି' ସେ ସମସ୍ତ ଭୂତଙ୍କୁ ଧରିବାରେ ସକ୍ଷମ ହେଲା ଓ ସେମାନଙ୍କୁ ଲୁହକଣ୍ଟା କିଳିଲା ବେଳକୁ ବାବନା ଭୂତ ତିନିଷାଠି ପଉଟି ଡିଳ ଦେଇ ନିଜକୁ ରାଉଳ କବଳରୁ ରକ୍ଷାକଲା– "ଗ୍ରାମେ ଗ୍ରାମେ ପଶି ଭୂତ ଖସାନ୍ତ ଝାଡ଼ିଲେ / ଷାଠିୟେ ପଉଟି ତିଳ ନେଇ ଶୂଦ୍ରେକ ରାଉଳକୁ ଦିଲେ" (୧୭୧)। ଆଉ କହିଛି ଯେ ଅନେକ ଲୋକଙ୍କ କଥା ନମାନି ଶକୁନି କଥା ମାନିଲେ କାଳେ ସେହି ଶକୁନି ମନ୍ତ୍ରୀ ବାବନା ଭୂତ ଭଳି ହୋଇପାରେ, "ବହୁତର ବୋଲ ମେଣ୍ଟି ଯେ ୟେକର ବୋଲ ଘେନି / କାଳେ ବାବନା ଭୂତ ପ୍ରାୟେ ହୋଇବଟି ଶକୁନି" (୧୭୧)। କିନ୍ତୁ ଦ୍ରିଯୋଧନର ଏ ଉପଦେଶକୁ କୌଣସି ଗୁରୁତ୍ୱ ଦେଇନାହିଁ ।

ବିଭିନ୍ନ ପ୍ରସଙ୍ଗରେ ଅନେକ ନୂତନ କାହାଣୀ ସଂଯୋଜନା କରିଛନ୍ତି ସାରଳା । ସାରଳା ଦାସ ଜଣେ ଅନନ୍ୟ ଆଖ୍ୟାନକାର। ପାରସ୍ପରିକ ଆଦାନପ୍ରଦାନ, ମନୋରଞ୍ଜନ, ଓ ସମୟର ଅପନୋଦନ ବ୍ୟତୀତ ଆମେ ଆଖ୍ୟାନ ପରିବେଷଣର ବିଭିନ୍ନ 'ପ୍ରକାର୍ଯ୍ୟ (function)' ଦେଖିବାକୁ ପାଇଥାଉ । କାହାଣୀ କଥନର ପରମ୍ପରା ଆଦିମ । ଆଦିମକାଳରୁ ମାନବ ସମାଜରେ ଜଣେ ଆଉ ଜଣକୁ ନିଜର, ପରିପାର୍ଶ୍ୱର, ନିଜର, ଅନ୍ୟ ଗୋଷ୍ଠୀର କାହାଣୀ କହି ଆସୁଛି । ଓ, ଆଦିମକାଳରୁ କାହାଣୀ କଥନ ବିଷୟ ପରିଚର୍ଚ୍ଚାର, ଜ୍ଞାନ-ପ୍ରସାରର ଏକ ମାଧ୍ୟମ ହୋଇ ଆସିଛି । ଲୋକ କାହାଣୀ ବା କାହାଣୀ କଥନ ସମ୍ପର୍କିତ ଗୋଷ୍ଠୀକୁ ଯଥାର୍ଥ କରିପାରେ, ସାମାଜିକ ଶ୍ରେଣୀର ଦାବିକୁ ବୈଧ କରିବାକୁ, ସାମାଜିକ ନିରନ୍ତରତା କିମ୍ବା ପରିବର୍ତ୍ତନ ପାଇଁ ଯୁକ୍ତିଯୁକ୍ତତାକୁ ଯଥାର୍ଥ ପ୍ରଦାନ କରିଥାଏ[4]। ମନୁଷ୍ୟର ମାର୍ଗଦର୍ଶନ ପାଇଁ ବ୍ୟବହାରିକ ନିୟମ ତଥା ସତ୍ୟାର୍ପଣରେ ସହାୟକ ହୋଇଥାଏ[5] । ଅନେକ ସମୟରେ ଅଣଦେଖା ହୋଇଥିବା କାର୍ଯ୍ୟକୁ ଆଚରଣର ଗ୍ରହଣୀୟ ଡାଞ୍ଚାଗୁଡ଼ିକ ସହିତ ଅନୁକୂଳତା ବଜାୟ ରଖିବାରେ ସହାୟକ ମଧ୍ୟ

ହୋଇଥାଏ[6] । କାହାଣୀଗୁଡ଼ିକ ଆମ ଜୀବନକୁ ଅର୍ଥପୂର୍ଣ୍ଣ ଭାବରେ ଆମ ସମାଜର ପ୍ରତିଫଳନ କରିବା ସହିତ ଆମ ଚାରିପାଖରେ ଥିବା ଜଗତର ଏକ ବ୍ୟାପକ ଚିତ୍ର ସୃଷ୍ଟି କରିବାରେ ସାହାଯ୍ୟ କରେ[7]। ଆଜି ମଧ୍ୟ ଆମେ ବିଷୟର ଅବବୋଧ ପାଇଁ ଅନେକ ସମୟରେ କାହାଣୀ କହୁ, ଦୃଷ୍ଟାନ୍ତ ଦେଇଥାଉଁ । ଅତଏବ, କେବଳ ବିଷୟବସ୍ତୁକୁ ପରିବର୍ଦ୍ଧିତ କରିବା ପାଇଁ ସାରଳା ଏସବୁ କାହାଣୀ ସଂଯୋଜନା କରିନାହାନ୍ତି ବରଂ–

୧. ବିଷୟସବୁକୁ ସ୍ଥାନୀୟ କରିବା ସାଙ୍ଗେସାଙ୍ଗେ ପରମ୍ପରାର ବିଭିନ୍ନ ପ୍ରସଙ୍ଗକୁ ସତ୍ୟାର୍ପିତ କରିବା ତଥା ବିଶ୍ୱାସଗମ୍ୟ କରିବାକୁ ଉଦାହରଣ ପାଇଁ,

୨. ଘଟଣା ବା ପ୍ରକ୍ରିୟାର ସମାଧାନ ତଥା ସେ ବିଷୟରେ ଶ୍ରୋତାଙ୍କ ବୋଧଗମ୍ୟତା ପାଇଁ,

୩. ଅନୁରୂପ ସମାଧାନ ବା ସମସ୍ୟାର ନିରାକରଣ ପାଇଁ,

୪. ସାମାଜିକ-ସାଂସ୍କୃତିକ ରୀତିନୀତିକୁ ପୁନଃସ୍ଥାପିତ କରିବା ପାଇଁ, ଓ

୫. ଘଟଣାବଳୀର ଯଥାର୍ଥତା ନିର୍ମାଣ ପାଇଁ ଏହି କାହାଣୀଗୁଡ଼ିକ ସୁଚିନ୍ତିତ ଭାବେ ସଂଯୋଜିତ ।

ପ୍ରସଙ୍ଗର ସତ୍ୟାର୍ପଣ ତଥା ବିଶ୍ୱାସଗମ୍ୟ ପାଇଁ ଏଠାରେ କୋକୁଆ ଭୟ, ବାବନା ଭୂତ, ସାହାଡ଼ା ବୃକ୍ଷର ମହାତ୍ମ୍ୟକୁ ଗ୍ରହଣ କରାଯାଇପାରେ । ସେହିପରି, ସତ୍ୟ ଆମ୍ବ ବିବରଣ, ଗାନ୍ଧାରୀଙ୍କ ସାହାଡ଼ା ବୃକ୍ଷ ସହିତ ବିବାହ କାହାଣୀ ଅନୁରୂପ ସମାଧାନ ବା ସମସ୍ୟା ନିବାରଣ ପାଇଁ ସଂଯୋଜିତ । ଗାନ୍ଧାରୀଙ୍କ ସାହାଡ଼ା ବୃକ୍ଷ ସହିତ ବିବାହ କାହାଣୀଟିକୁ ସାମାଜିକ-ସାଂସ୍କୃତିକ ରୀତିନୀତିର ପୁନଃସ୍ଥାପନ ଭାବରେ ମଧ୍ୟ ଆମେ ଦେଖିପାରିବା । ଅନୁରୂପ ଭାବରେ, ସମସ୍ତ କାହାଣୀ ଯେ ପ୍ରସଙ୍ଗ ବା ବର୍ଣ୍ଣିତ ଘଟଣାବଳୀକୁ ଏକ ନୂତନ ଯଥାର୍ଥତା ପ୍ରଦାନ କରୁଛି ଏହା ନିଃସନ୍ଦେହ । ଶେଷରେ ଏହା ଉଲ୍ଲେଖନୀୟ ଯେ' ଆଜି କାହାଣୀ କଥନର ଏହି ଯେଉଁ ଆୟାମଗୁଡ଼ିକ ବିଷୟରେ ଆମେ ଆଲୋଚନା କରୁଛେ ସାରଳା ଦାସ ସେହି ସମୟରେ ଏହି ବିଶେଷ ଦିଗଗୁଡ଼ିକ ବିଷୟରେ ଅବଗତ ଥିଲେ ନଚେତ୍ ସଂସ୍କୃତ ମହାଭାରତର ଆଖ୍ୟାନକୁ ଓଡ଼ିଆରେ ପ୍ରସ୍ତୁତ କଲାବେଳେ ଏସବୁର ସଂଯୋଜନା ସେ କରିନଥାନ୍ତେ, ଓ ଏହା ହିଁ ତାଙ୍କ ସର୍ଜନଶୀଳତାର ବିସ୍ମୟକର ଦିଗ ।

ଏହା ସାରଳାଙ୍କ କାହାଣୀ ସଂଯୋଜନାର ଏକ ଦିଗ ମାତ୍ର, ଏହା ବ୍ୟତୀତ ଆହୁରି ଅନେକ ଦିଗରୁ ତାଙ୍କ ଆଖ୍ୟାନକଳାକୁ ଅନୁଶୀଳନ କରାଯାଇପାରେ । ସାରଳା ମହାଭାରତ ଓଡ଼ିଆ ଭାଷାର 'ମହାପାଠ (grand narrative)'[8]। ଲିଖନ ପରମ୍ପରାର ଏଭଳି ଆଦ୍ୟକାଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ବହୁବିଧ ଚିତ୍ର ଯେଭଳି ସାରଳା ଉପସ୍ଥାପନା କରିଛନ୍ତି ମହାଭାରତରେ ସେସବୁ ମଧ୍ୟ ଏକ ବିସ୍ମୟ ।

ସାରଳାଙ୍କ ମହାଭାରତର ଅନୁଶୀଳନ ଓ ଆକଳନରେ କେବଳ ସାରଳାଙ୍କ ପରି ହିଁ କୁହାଯାଇପାରେ—

"ମୁହିଂ ଶୂଦ୍ର ମୂର୍ଖ ଅଗ୍ୟାନ ଅପଣ୍ଡିତ

ମୁଂ କାହିଂ କହିବି ପୁରାଣ ଅକଳିତ ଶ୍ରୀ ମହାଭାରତ" । (ଉଦଯୋଗ ପର୍ବ ପୃ-୨୭)

ଅତଏବ, ବୁଧଜନେ ଏହାକୁ ଶୁଣି ଆନ ଚିତ୍ତ ନଧରିବ ।

---

1. Narrative is all around us, not just in the novel or in historical writing. Narrative is associated above all with the act of narration and is to be found wherever someone tells us about something: a newsreader on the radio, a teacher at school, a school friend in the playground, a fellow passenger on a train, a newsagent, one's partner over the evening meal, a television reporter, a newspaper columnist or the narrator in the novel that we enjoy reading before going to bed. We are all narrators in our daily lives, in our conversations with others, and sometimes we are even professional narrators (should we happen to be, say, teachers, press officers or comedians (Fludernik 2009, 1).

2. ଏଠାରେ ଉଲ୍ଲେଖନୀୟ ଯେ, ସାନ୍ତାଳ ଗୋଷ୍ଠୀରେ ମଧ୍ୟ ବିଶେଷ କ୍ଷେତ୍ରରେ ('ସେତାଡାଟା' କୌଣସି ପୁଅ ବା ଝିଅର ଉପର ଦାନ୍ତ ପ୍ରଥମେ ଉଠିଥାଏ, ଯାହା ଅଶୁଭ ମନେକରାଯାଏ) ତାଙ୍କୁ ଆଠ ଦଶ ବର୍ଷ ବୟସରେ ସାହାଡ଼ା ଗଛ ସହିତ ବିବାହ କରାଯିବାର ପରମ୍ପରା ଅଛି ।

3. ଏକ ଅଧ୍ୟୟନ ଅନୁସାରେ ଗୋଟିଏ ହାଥ ୪୮ ସେ.ମି. ତଥା ୧୮.୮୯୭୬ ଇଞ୍ଚ (Shrivastava 2017, 41) । ଆଠ ସହସ୍ର ଆଠ ଶତ ଅଠାଇଶ ହାଥ ଅର୍ଥାତ୍ ପାଖାପାଖି ୪୨୩୭ ମିଟର ।

4. "Storytelling may justify or reinforce kinship grouping, to perpetuate social class distinctions, to validate claims of competitive social factions, to justify or provide rationalizations for social continuities or changes" (Georges 1969, 319).

5. "To the extent to which it is regarded as historically true, its teaching is regarded as important; and to the extent to which it mirrors culture, it "contains practical rules for the guidance of man (Malinowski, I926, 19)"(Bascom 1954, 345).

6. "…folklore fulfills the important but often overlooked function of maintaining conformity to the accepted patterns of behavior… More than simply serving to validate or justify institutions, beliefs and attitudes, some forms of folklore are important as means of applying social pressure and exercising social control" (Bascom 1954, 346).

7. "…our stories are a representation of our reflection on what we experience as meaningful in our lives, the repeating patterns and themes are represented in it that helps us form a broader picture of the world around us". (Breuer nd, np)

8. Grand narrative or "master narrative" is a term introduced by Jean-François Lyotard in his classic 1979 work *The Postmodern Condition: A Report on Knowledge*, in which Lyotard summed up a range of views which were being developed at the time, as a

critique of the institutional and ideological forms of knowledge. In other words, is able in some way to *make sense of* history. It is all those conceptions which try to make sense of history, rather than just isolated events in history, concepts like "class struggle", socialism and capitalism, productive forces and so on.

## ସହାୟକ ଗ୍ରନ୍ଥସୂଚୀ


1. ସାରଳା ମହାଭାରତ । ଶିଶୁପାଳ ବଧ ଓ ତାହାର ପୂର୍ବ ଜନ୍ମ ବୃତ୍ତାନ୍ତ । *ସଭା ପର୍ବ* / ଦ୍ୱିତୀୟ ଖଣ୍ଡ । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୫ । ୩୨୧-୩୬୧ ।
2. *ସାରଳା ମହାଭାରତ* । ଖନିକାର ଟସକର ବୃତ୍ତାନ୍ତ । *ଆଦିପର୍ବ* / ପ୍ରଥମ ଖଣ୍ଡ । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୫ । ପୃ-୫୧୭-୫୨୬ ।
3. *ସାରଳା ମହାଭାରତ* । ଶାନ୍ତନୁ ବିବାହ । *ଆଦିପର୍ବ* । ପ୍ରଥମ ଖଣ୍ଡ । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୫ । ପୃ-୧୮-୪୧ ।
4. *ସାରଳା ମହାଭାରତ* । ସାହାଡ଼ା ବୃକ୍ଷ ମହାତ୍ମ୍ୟ । *ଆଦିପର୍ବ* । ପ୍ରଥମ ଖଣ୍ଡ । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୫ । ପୃ-୧୧୨-୧୧୮ ।
5. *ସାରଳା ମହାଭାରତ* । ସତ୍ୟ ଆମ୍ବର ବିବରଣ । *ବନ ପର୍ବ* । ପ୍ରଥମ ଖଣ୍ଡ । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୬ । ପୃ-୫୬୭-୫୭୫ ।
6. *ସାରଳା ମହାଭାରତ* । ଦ୍ରୌପଦୀଙ୍କ ବସ୍ତ୍ର ହରଣ ଓ ଧୃତରାଷ୍ଟ୍ରଙ୍କଠାରୁ ବରପ୍ରାପ୍ତି । *ସଭା ପର୍ବ* । ଦ୍ୱିତୀୟ ଖଣ୍ଡ । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୫ । ୫୦୮-୫୩୦ ।
7. *ସାରଳା ମହାଭାରତ* । ଦୁର୍ଯ୍ୟୋଧନଙ୍କ ଦୁଇଖଣ୍ଡ ପଡା ଦେବା ନିମନ୍ତେ ଭୀଷ୍ମଙ୍କଠାରେ ଇଚ୍ଛା ପ୍ରକାଶ ଓ ଶକୁନିର ଅମତ ଏବଂ ବାବନା ଭୂତର ବିବରଣ । *ଉଦଯୋଗ ପର୍ବ* । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୮ । ୧୫୬-୧୭୪ ।
8. *ସାରଳା ମହାଭାରତ* । ଭାରଦାର ଭାରତର ଭବିଷ୍ୟତ ବାଣୀ କଥନ, ଏବଂ ଭାରଦାର ପୂର୍ବ ଜନ୍ମ ବିବରଣ । *ଉଦଯୋଗ ପର୍ବ* । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୮ । ୨୯୦-୩୧୭ ।
9. *ସାରଳା ମହାଭାରତ* । ତୁଳସୀବଣ ବାଘ ଓ ତୁଳାମୁହାଁ କାଂକର ବିବରଣ । *ଉଦଯୋଗ ପର୍ବ* । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୮ । ୩୩୧-୩୪୧ ।
10. *ସାରଳା ମହାଭାରତ* । ଶ୍ରୀକୃଷ୍ଣଙ୍କର ପ୍ରଥମ ଥର କୁରୁସଭାକୁ ଗମନ ଏବଂ ଅପମାନ ଓ ବଳିରାଜାର ଉପାଖ୍ୟାନ (କୋକୁଆ ପ୍ରସଙ୍ଗ) । *ଉଦଯୋଗ ପର୍ବ* । ସମ୍ପାଦକ । ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର: ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର, ୧୯୬୮ । ୧୧୫-୧୫୫ (୧୩୭-୧୪୦) ।
11. Barker, Randolph, and T. Kim Gower. "Strategic Application of Storytelling in Organizations: Toward Effective Communication in a Diverse World". *Journal of Business Communication* 47.3 (2010): 295-312.
12. Bascom, William R. "Four Functions of Folklore". *The Journal of American Folklore* 67.266 (1954): 333-349.
13. Bauman, Richard. "Differential Identity and the Social Base of Folklore". *Journal of American Folklore* 84.331 (1971): 31–41.
14. Breuer, François. "Storytelling as Interactive Intervention: Applying the Narrative Approach in Organizational Change". Web. Accessed on 06.01.20. <https://www.breuer.nl/artikelen/Storytelling%20as%20interactive%20intervention.pdf>.
15. Detrich, Ronnie. "Rethinking Dissemination: Storytelling as a Part of the Repertoire". *Perspectives on Behaviour Science*. 41.10.1007/s40614-018-0160-y. Web. Accessed on 06.01.20. <https://www.researchgate.net/publication/325027101_Rethinking_Dissemination _Storytelling_as_a_Part_of_the_Repertoire/citation/download>.
16. Fischer, J. L. "The Socio-psychological Analysis of Folktales". *Current Anthropology* 4. 3 (1963): 235-295.
17. Fludernik, Monoka. *An Introduction to Narratology*. Translated from the German by Patricia Häusler-Greenfield and Monika Fludernik. New York: Routledge, 2009.
18. Georges, Robert A. "Toward an Understanding of Storytelling Event". *The Journal of American Folklore* 82.326 (1969): 313-328.
19. Haberman, David L. *People Trees*: *Worship of Trees in Northern India*. New York: Oxford University Press, 2013.
20. Herskovits, Melvill J. *Man and His Works: The Science of Cultural Anthropology*. By Melville J. Herskovits. New York: Alfred A. Knopf, 1948.
21. Malinowski, Bronisław K. *Myth in primitive psychology*. New York, W.W. Norton & Company, inc., 1926.
22. Nair, Thankappan P. "Tree Marriage in India". *Tree Symbol Worship in India: A New Survey of a Pattern of Folk Religion*. Ed. Sankar Sen Gupta. Calcutta: Indian Publication, 1960. 141-147.
23. Sahay K. N. "Tree Culture in Tribal Culture". *Tree Symbol Worship in India: A New Survey of a*

*Pattern of Folk Religion*. Ed. Sankar Sen Gupta. Calcutta: Indian Publication, 1960. 58-75.

24. Shrivastava, Shailaj Kumar. "Measurement Units of Length, Mass and Time in India through the Age". *International Journal of Physics and Social Sciences* 7.5 (2017): 39-48.
25. Smith, Edwin W. "The Function of Folk-Tales". *Journal of the Royal African Society* 39.154 (1940): 64-83.
26. Walter, Kurt J. "Sacred Trees among the Tamil People of South India". *Sumen Anthropologi: Journal of Finnish Anthropological Society* 40.1 (2015): 47-65.